**ଟ୍ରାକ୍ଟର-ଆମ୍ବୁଲାନ୍ସ ଧକ୍କା**
ରୂପସା, (ଡି.ଏନ.ଏ.): ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ରୂପସା ଥାନା ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ସହ ୧୦୮ ଆମ୍ବୁଲାନ୍ସ ଧକ୍କା ହେବାରୁ ଆମ୍ବୁଲାନ୍ସର ଆଗ ପଟ ଭାଙ୍ଗି ଚୁରମାର ହୋଇଯାଇଛି। ହେଲେ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତିଯାଇଛନ୍ତି। ବାଲେଶ୍ୱରରୁ ବସ୍ତା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ନମ୍ବର ବିହୀନ ଟ୍ରାକ୍ଟର ହଠାତ୍ ରାସ୍ତା ପାର ହେବା ପାଇଁ ବ୍ରେକ ମାରିଥିଲା। ଫଳରେ ବାଲେଶ୍ୱର ମେଡ଼ିକାଲରେ ରୋଗୀ ଛାଡ଼ି ପଛରେ ଆସୁଥିବା ଆମ୍ବୁଲାନ୍ସ ପଛରୁ ଧକ୍କା ଦେଇଥିଲା। ପୋଲିସ ଉଭୟ ଗାଡ଼ିକୁ ଜବତ କରିଛି।

# ଶତାଧିକ ଶିଳ୍ପସଂସ୍ଥା ବନ୍ଦ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୭।୬

ବାଲେଶ୍ୱର ଜିଲାରେ ଥିବା ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟରୁ ଅଧିକାଂଶ ବନ୍ଦ ହୋଇପଡ଼ିଥିବା ବେଳେ ଅବଶିଷ୍ଟ ଶିଳ୍ପ ରୁଗ୍ଣ ଅବସ୍ଥାରେ ଚାଲୁଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଶତାଧିକ ପରିବାର କାମଧନ୍ଦା ନ ପାଇ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ରୁଗ୍ଣ ଅବସ୍ଥାରେ ଥିବା ଶିଳ୍ପାନୁଷ୍ଠାନଗୁଡିକର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆ ନ ଗଲେ ଆସନ୍ତା ଦିନରେ ସମସ୍ତ ଶିଳ୍ପାନୁଷ୍ଠାନ ଦିନେ ବନ୍ଦ ହୋଇଯିବ ଆଶଙ୍କା ବଢ଼ିଲାଣି। ଏନେଇ ପ୍ରଶାସନ ଓ ଲୋକପ୍ରତିନିଧିଙ୍କ ଉଦାସୀନତାକୁ ନିଯୁକ୍ତି ହରାଇଥିବା କର୍ମଚାରୀ ଦାୟୀ କରିଛନ୍ତି। ସରକାର ଏ ଦିଗରେ ଯଥେଷ୍ଟ ଯତ୍ନବାନ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

୧୯୮୪ରେ 'ହଜାରେ ଦିନରେ ହଜାରେ ଶିଳ୍ପ' ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଡାକରା ଅନୁଯାୟୀ ରାଜ୍ୟ ସରକାର ଶିଳ୍ପପତିମାନଙ୍କୁ ସବ୍‌ସିଡି ଦେବା ସହ ଜମି ଯୋଗାଇ ଦେଇଥିଲେ। ଫଳରେ ବାଲେଶ୍ୱରରେ ଗଢ଼ି ଉଠିଥିଲା ୩ଶହରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା। ସେଥିମଧ୍ୟରୁ ବିର୍ଲା, ଇମାମୀ, ବାଲେଶ୍ୱର ଆଲଏଜ୍, ବାଲିଆପାଳ ସ୍ପିନିଂ ମିଲ୍, ତାଳସାରୀର ଚମଡ଼ା କାରଖାନା ଭଳି ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଥିଲା। ଜିଲାରେ ୬ଟି ବଡ଼ ଶିଳ୍ପ ସଂସ୍ଥା, ୧୪ ମଧ୍ୟମ, ୨୫୭ କ୍ଷୁଦ୍ର ଶିଳ୍ପ ସଂସ୍ଥା ରହିଥିଲା। ୨୬୭ଟି ସଂସ୍ଥା ଇଡ୍‌କୋଠାରୁ ଜମି ଲିଜ୍ ନେଇ

## ନିଯୁକ୍ତି ହରାଇଥିବା କର୍ମଚାରୀ ଏବେ ଦାଦନ ଶ୍ରମିକ

ଶିଳ୍ପାନୁଷ୍ଠାନ ବସାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ବହୁ ଶିଳ୍ପସଂସ୍ଥା ଗଢ଼ି ଉଠିଥିଲା। ତେବେ ସରକାର କିଛି ବର୍ଷ ପରେ ଦେଇଥିବା ସୁବିଧା ସୁଯୋଗ ପ୍ରତ୍ୟାହାର କରିନେବାରୁ ୪୦ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ବନ୍ଦ ହୋଇଯାଇଥିଲା। ଯେଉଁ ତାଲିକାରେ ପୋଲାର ଲେଟେଷ୍ଟ, ଜିଜିଏଲ୍, ଜିଏମ୍ ସିରାମିକ୍, ଆଇଆର୍‌ସି ଟ୍ୟୁବ୍ ଭଳି ମଧ୍ୟମ ଶିଳ୍ପ ସଂସ୍ଥା ରହିଥିଲା। ଇଡ୍‌କୋ ବାଲେଶ୍ୱର ସହରରେ ୮୩ ଶିଳ୍ପସଂସ୍ଥା, ଗଣେଶ୍ୱରପୁରରେ ୫୬, ବାଲଗୋପାଳପୁରରେ ୧୫, ବାମପଦାରେ ୪, ବାଲିଆପାଳରେ ୪, ପଣପଣାରେ ୧୨, ଶ୍ରୀକୋଣାରେ ୨୦ ଶିଳ୍ପ ସଂସ୍ଥାକୁ ଜମି ଯୋଗାଇଥିଲା। ଏଥିମଧ୍ୟରୁ ଏବେ ୪୮ ଶିଳ୍ପସଂସ୍ଥା ରୁଗ୍ଣ ଅବସ୍ଥାରେ। ଅପରପକ୍ଷରେ ୧୧ ଶିଳ୍ପସଂସ୍ଥାର ଜମି ଇଡ୍‌କୋକୁ ଫେରି ଆସିଛି। ମୋଟ ୧୭୮ ଶିଳ୍ପ ସଂସ୍ଥା ବନ୍ଦ ହୋଇଯାଇଛି। ସେଥିମଧ୍ୟରୁ ଅଧିକାଂଶ କ୍ଷୁଦ୍ର ଶିଳ୍ପ। କେବଳ କ୍ଷୁଦ୍ର ଶିଳ୍ପ ସଂସ୍ଥା ନୁହେଁ ବିର୍ଲା, ବାଲେଶ୍ୱର ଆଲଏଜ, ବାଲିଆପାଳର ସ୍ପିନିଂ ମିଲ୍, ତାଳସାରୀର ଚମଡ଼ା କାରଖାନା ଭଳି ବଡ଼ ବଡ଼ ଶିଳ୍ପ ସଂସ୍ଥା ମଧ୍ୟ ବନ୍ଦ ହୋଇଯାଇଛି। ହଜାର ହଜାର ଶ୍ରମିକ ନିଯୁକ୍ତି ହରାଇଛନ୍ତି। ବିର୍ଲା ଟାୟାର୍ସର ୫ହଜାର ଶ୍ରମିକ ହାତ ଟେକି ବସିଛନ୍ତି। ଇମାମୀ ଚାଲୁଥିଲେ ହେଁ ଦୀର୍ଘଦିନ ହେବ ସମସ୍ତ ୟୁନିଟ୍ କାର୍ଯ୍ୟକ୍ଷମ



ବନ୍ଦ ହୋଇପଡ଼ିଥିବା ବିର୍ଲା ଟାୟାର୍ସ।

ହେଉନି। ଜିଲାରେ ଶିଳ୍ପ ସଂସ୍ଥା ବନ୍ଦ ହେବା, ବନ୍ଦ ହୋଇଥିବା ଶିଳ୍ପ ସଂସ୍ଥା ପୁନଃ କାର୍ଯ୍ୟକ୍ଷମ କରିବାକୁ କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରୁ ନ ଥିବା ନେଇ କେତେଜଣ ଶିଳ୍ପପତିଙ୍କ ସହ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ବ୍ୟାଙ୍କଗୁଡ଼ିକ ଠିକ୍ ସମୟରେ ଋଣ ଦେଉ ନ ଥିବାରୁ ଶିଳ୍ପ ଚାଲିପାରୁନି ବୋଲି ଅଭିଯୋଗ ହେଉଛି। ଜିଲାରେ ଶିଳ୍ପ ସଂସ୍ଥା ବନ୍ଦ ହେବା ପରେ ସେଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ ସହ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ, ନିର୍ବାଚିତ ଲୋକ ପ୍ରତିନିଧି, ଶିଳ୍ପପତି ଏକାଠି ବସି ସମାଧାନର ବାଟ ବାହାର କରିବାକୁ ଜିଲାବାସୀ ଦାବି କରିଛନ୍ତି।

ଏନେଇ ଶ୍ରମିକ ନେତା ସତ୍ୟନାରାୟଣ ଆଚାର୍ଯ୍ୟ କହିଛନ୍ତି, ମାଲିକଙ୍କ ଅପାରଗତା କାରଣରୁ ବହୁ ବଡ଼ ବଡ଼ କାରଖାନା ବନ୍ଦ ହୋଇଯାଉଛି। କର୍ମଚାରୀଙ୍କ ଉପରେ ଲଗାମ ନ ଥିବା, ଋଣ ବୋଝ ବଢ଼ିବା ସମସ୍ୟାକୁ ଦ୍ୱିଗୁଣିତ କରୁଛି। କେତେକ ଶିଳ୍ପପତି ସରକାର ଓ ଶ୍ରମିକଙ୍କ ଉପରେ ଦୋଷ ଲଦି ଖସିଯିବା ପାଇଁ ଚେଷ୍ଟା କରୁଛନ୍ତି।

ଜିଲା ଶିଳ୍ପକେନ୍ଦ୍ର (ଡିଆଇସି)ର ପୂର୍ବତନ ମ୍ୟାନେଜର ସତ୍ୟାନନ୍ଦ ପଟ୍ଟନାୟକ କହିଛନ୍ତି, ଉଦ୍ୟୋଗୀମାନଙ୍କର ଅଭିଜ୍ଞତା ଅଭାବ, କମ୍ ପୁଞ୍ଜି ଥିବା ବେଳେ ବଡ଼ ବଡ଼ ଆଶା, ଋଣର ସଦ୍‌ବିନିଯୋଗ କରି ନ ପାରିବା, ବଜାରରେ ପ୍ରତିଯୋଗିତାଠାରୁ ପଛରେ ପଡ଼ିଯିବା, ବ୍ୟାଙ୍କ ଠିକ୍ ସମୟରେ ଋଣ ନ ଦେବା, ବିଦ୍ୟୁତ ପାଇଁ ବହୁ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବିଭାଗୀୟ ସହଯୋଗ ନ ମିଳିବା ଭଳି ସମସ୍ତ କାରଣରୁ କାରଖାନାର ଉତ୍ପାଦନ ପାଇଁ ଦୀର୍ଘ ସମୟ ଲାଗୁଛି।

ଅନ୍ୟପଟେ ଋଣ ବୋଝ ବଢ଼ିବା ଏକ ବଡ ସମସ୍ୟା ଭାବେ ଠିଆ ହେଉଥିବାରୁ କାରଖାନାଗୁଡ଼ିକ ଚଳାଇବା ପାଇଁ ଉଦ୍ୟୋଗୀମାନଙ୍କୁ କଷ୍ଟସାଧ୍ୟ ହେଉଛି।

ବିଧାୟକ ସ୍ୱରୂପ କୁମାର ଦାସ କହନ୍ତି, ବାଲେଶ୍ୱର ଜିଲା ପଶ୍ଚିମବଙ୍ଗ ରାଜ୍ୟ କୋଲକାତା ମହାନଗରୀର ନିକଟବର୍ତ୍ତୀ ହୋଇଥିବାରୁ ଜିଲାକୁ ଶିଳ୍ପ ଜିଲା ଭାବେ ଘୋଷଣା କରି ୧୯୮୪ରେ ତତ୍କାଳୀନ ରାଜ୍ୟ ସରକାର ବହୁ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବାରେ ସହଯୋଗ କରିଥିଲେ। ଟ୍ରେଡ୍ ୟୁନିଅନ୍‌ର ଆଧିପତ୍ୟ କାରଣରୁ ଶିଳ୍ପାନୁଷ୍ଠାନ ମାଲିକ ଏବଂ ଶ୍ରମିକମାନଙ୍କର ଉତ୍ତମ ସମ୍ପର୍କ ନ ରହିବା, ବିଭିନ୍ନ ସମୟରେ ସମସ୍ୟାରେ ଘାଣ୍ଟି ହୋଇ ବହୁ ଶିଳ୍ପାନୁଷ୍ଠାନ ବନ୍ଦ ହୋଇଯାଇଛି। ବର୍ତ୍ତମାନ ନବୀନ ସରକାର ଶିଳ୍ପନୀତି ଉପରେ ସୁଧାର ଆଣି ଯେଉଁ ଅଞ୍ଚଳରେ ଯେଉଁ ପ୍ରକାର କଞ୍ଚାମାଲ୍ ରହିଛି, ସେଠାରେ ସେଭଳି ଶିଳ୍ପକୁ ଅଗ୍ରାଧିକାର ଦେଉଛନ୍ତି। ବାଲେଶ୍ୱର ଜିଲାରେ ମାଛ ଉତ୍ପାଦନ ଅଧିକ ହୋଇପାରୁଥିବାରୁ ସଂଲଗ୍ନ ଶିଳ୍ପ ସହ ଧାନର ଅଧିକ ଉତ୍ପାଦନକୁ ଲକ୍ଷ୍ୟ କରି ରାଇସ୍ ମିଲ୍‌କୁ ପ୍ରାଧାନ୍ୟ ଦିଆଯାଉଛି। ସେହିପରି ପ୍ଲାଷ୍ଟିକ୍ ଶିଳ୍ପକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଜିଲାରେ ଟୁରିଜିମ୍ ଇଣ୍ଡଷ୍ଟ୍ରି କରିଡର ନିର୍ମାଣ ଆଗେଇ ଚାଲିଛି। ଏଥିପାଇଁ ରାଜ୍ୟର ଶିଳ୍ପ ବିଭାଗର ହାଇପାୱାର କମିଟିଙ୍କ ସହ ମଧ୍ୟ ବିଭିନ୍ନ ସମୟରେ ଆଲୋଚନା ଓ ବୈଠକ କରୁଥିବାର ପ୍ରକାଶ କରିଛନ୍ତି।

## ମିଳିତ ଜନଶୁଣାଣି ଶିବିର

ବାରିପଦା ଅଫିସ,୭।୬

ମୟୂରଭଞ୍ଜ ଜିଲା ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ୍ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଷ ଦ୍ୟାନଦେଓ ଖିଲାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୦୮ଟି ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ୯୯ଟି ବ୍ୟକ୍ତିଗତ ଓ ୯ଟି ଗ୍ରାମବାସୀଙ୍କ ସାମୁହିକ ସମସ୍ୟା ଗୁଡିକର ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏଥିରେ ସହାୟତା ପାଇଁ ଆସିଥିବା ୩ଟି ଆବେଦନ ପତ୍ର ଉପରେ ଜିଲାପାଳ ପରିସ୍ଥିତିକୁ ବିଚାର କରି ୨ ଜଣ ହିତାଧିକାରୀଙ୍କୁ ପ୍ରତ୍ୟେକ ୫ ହଜାର ଲେଖାଏ ଏବଂ ଜଣେ ହିତାଧିକାରୀଙ୍କୁ ୧୦ ହଜାର ପ୍ରଦାନକୁ ମିଶାଇ ମୋଟ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଜିଲା ରେଡ୍‌କ୍ରସ ପାଣ୍ଠିରୁ ମଞ୍ଜୁର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ଉପଜିଲାପାଳ ଅନ୍ୟା ଦାସ, ଡିଏଫ୍‌ଓ ସନ୍ତୋଷ ଯୋଶୀ, ପିଡିଡିଆରଡିଏ ପି.ଅନ୍ୱେଷା ରେଡ୍ଡୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡର ସମସ୍ତ ତହସିଲଦାର, ବିଡିଓ ଏବଂ ସମ୍ପୃକ୍ତ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଜରୁରୀ ଅଧିକାରୀ ତଥା ପିଜିସେଲ୍ ନୋଡାଲ୍ ଅଧିକାରୀ ସୁଜୟ କୁମାର ପତି ଏବଂ ଜିଲା ଜରୁରୀ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନିଖୋଜ କଲେଜ ଛାତ୍ରୀଙ୍କ ପତ୍ତା ମିଳୁନି

**କୁଆମରା,୭।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ଥିବା ଏକ କଲେଜର ଜଣେ ଛାତ୍ରୀ ନିଖୋଜ ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ୧୭ ବର୍ଷ ବୟସ୍କା ଏହି ଛାତ୍ରୀ ଜଣକ ଗତ ୨୩ ତାରିଖରେ କଲେଜକୁ ଯାଇଥିବା ବେଳେ ସେ ଆଉ ଘରକୁ ଫେରି ନାହାନ୍ତି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ନ ପାଇବାରୁ ମଙ୍ଗଳବାର କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୧୪୭/୨୨) ରୁଜୁ କରି ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ବିବି ସ୍ୱାଇଁ କହିଛନ୍ତି।

### ପାଣିରେ ବୁଡ଼ି ବାଳକ ମୃତ

**ବାସୁଦେବପୁର,୭।୬(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦୁଁଆ ଗ୍ରାମର ବାବାଜୀ ବିଶ୍ୱାଳଙ୍କ ପୁଅ ଚନ୍ଦ୍ରଶେଖର ବିଶ୍ୱାଳ(୧୪) ମଙ୍ଗଳବାର ନିକଟସ୍ଥ ଚନ୍ଦନପୋଖରୀରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଅସାବଧାନବଶତଃ ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି। ଏନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭/୨୨) ରୁଜୁ ହୋଇଛି।

### ନାବାଳିକା ଅପହରଣ ମାମଲା ଜେଲ ଗଲେ ଅଭିଯୁକ୍ତ

**ରୂପସା, ୭।୬(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅଧୀନ ଶିଳଦା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ସୋମବାର ରାତିରେ ଚଢ଼ାଉ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କପ୍ତାପଲ ମେରାଇନ ଥାନା ଅଧୀନ କରଞ୍ଜିଆ ଗ୍ରାମର ରୋହିତ ଅଲ୍ଲୀ ଖାଁ। ତାଙ୍କୁ ଡାକ୍ତରୀମାଇନା କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଯୁବକଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ମେ ୨୭ତାରିଖରେ ନାବାଳିକାଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଉକ୍ତ ଯୁବକ ବାଇକ ଯୋଗେ ଅପହରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ଗତ ୪ତାରିଖରେ ପୋଲିସ ଏକ ମାମଲା (ନଂ. ୧୪୬/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗତ ରାତିରେ ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲା। ନାବାଳିକାଙ୍କ ଡାକ୍ତରୀମାଇନା ପରେ କୋର୍ଟରେ ହାଜର କରାଯାଇ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ଼ କରାଯାଇଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ପାଟଣା, ୭।୬(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଦାଶରଥିପୁର ଗ୍ରାମର ପତଳା ସାହି ନିକଟ ବିଲ ମଝିରେ ଥିବା ଏକ ମହୁଲ ଗଛରୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ସଞ୍ଜୁ ମୁଣ୍ଡା। ସେ ନିଜ ପିନ୍ଧା ଲୁଗାକୁ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ ଏହାପୂର୍ବରୁ ସଞ୍ଜୁ ଏକାଧିକ ବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କର ମାନସିକ ବିକୃତି ରହିଥିଲା। ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି।

### ପିଲା ଗଣେଶ ପୂଜାକମିଟି ପକ୍ଷରୁ ଚାରାରୋପଣ

**ଭଣ୍ଡାରିପୋଖରୀ, ୭।୬:** କୁଆଁସ ପିଲା ଗଣେଶ ପୂଜା କମିଟି ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚାରାରୋପଣ କରାଯାଇଛି। କମିଟିର ସମ୍ପାଦକ ପ୍ରଭାତ ମହାନ୍ତିଙ୍କ ସଭାପତିତ୍ୱରେ ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ, କାଉନସିଲର ଜ୍ୟୋତିର୍ମୟୀ ପଟ୍ଟନାୟକ, ଖବରଦାତା ତଥା ଜିଲା ସଭାପତି ରବି ନାରାୟଣ ଖିଲାର, କମିଟି ସଭାପତି ସଞ୍ଜୀବ କୁମାର ଦାସ, ସାମାଜିକକର୍ମୀ ମନୋଜ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ ଏକ ମହତ କାର୍ଯ୍ୟ ବୋଲି କହିଥିଲେ।ଏହି ଅବସରରେ କୁଆଁସ ସ୍ଥିତ ମଶାଣି ପଦା ଠାରେ କମିଟିର ସଦସ୍ୟ ଓ ଅତିଥିମାନେ ପ୍ରାୟ ୫୦ରୁ ଅଧିକ ଚାରାରୋପଣ କରିଥିଲେ। କମିଟି ପକ୍ଷରୁ ରାଜ କିଶୋର ସେଠି, ଅମରଜିତ ପଟ୍ଟନାୟକ, ଅବିନାଶ ପଟ୍ଟନାୟକ, ସନ୍ତୋଷ ସେଠି, ସୁରେନ୍ଦ୍ର ସେଠି ପ୍ରମୁଖ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ପାଣି ପାଇଁ ରାସ୍ତାରୋକୋ


ରାସ୍ତା ଅବରୋଧ କରିଥିବା ଗ୍ରାମବାସୀ।

ଉଦଳା,୭।୬ (ଡି.ଏନ.ଏ.)

ପାନୀୟ ଜଳ ପାଇଁ ହୀନସ୍ତା ଭୋଗୁଥିବା ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ବଡ଼ଖମଣ ପଞ୍ଚାୟତ ଅଧୀନ ଅନନ୍ତପୁର ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି। ଶୁଦ୍ଧ ପାନୀୟ ଜଳ ବୁନ୍ଦାଏ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ସୁଦ୍ଧା କେହି ସେମାନଙ୍କ କଥା ଶୁଣି ନ ଥିଲେ। ମଙ୍ଗଳାବାର ବିଡିଓଙ୍କୁ ଭେଟି ଗୁହାରି ଜଣାଇଲେ। ହେଲେ ବିଡିଓ କିଛି ନ ଶୁଣିବାରୁ ଶେଷରେ ଉଦଳା-ବାରିପଦା ରାଜ୍ୟ ରାଜପଥର କଲିଆ ଛକ ନିକଟରେ ଗରା ବାଲ୍‌ଟି ଧରି ଗ୍ରାମବାସୀ ରାସ୍ତା ଉପରେ ବସି ରହିଛନ୍ତି। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ ଜାରି ରଖିଥିବା ସୂଚନା ମିଳିଛି।

## ଉନ୍ନୟନ କାର୍ଯ୍ୟର ତଦନ୍ତ କଲା ଭିଜିଲାନ୍ସ

ହାଟଡିହୀ, ୭।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶଡା ପଞ୍ଚାୟତରେ ଭିଜିଲାନ୍ସ ବିଭାଗ ତରଫରୁ ୪ ଦିନ ଧରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦନ୍ତ ହୋଇଛି। ଗତ ୨୦୧୭-୧୮ରୁ ୨୦୨୧-୨୨ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଯୋଜନାରେ ହୋଇଥିବା ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଦର୍ଶାଯାଇ ଅଭିଯୋଗ ହୋଇଥିଲା। ବାଲେଶ୍ୱର ଭିଜିଲାନ୍ସ ତରଫରୁ ଦୁଇ ଜଣିଆ ଅଧିକାରୀ ଗତ ଶନିବାରରୁ ମଙ୍ଗଳବାର ପର୍ଯ୍ୟନ୍ତ ଶଡା ପଞ୍ଚାୟତରେ ହୋଇଥିବା ଅଭିଯୋଗ ଦିଗରେ ତଦନ୍ତ କରିଥିଲେ। ଅଧିକାରୀଙ୍କ ମଧ୍ୟରେ ଜଣେ ଡିଏସ୍‌ପି ଏବଂ ଜଣେ ଇନ୍ସପେକ୍ଟର ଥିଲେ। ତଦନ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ ହେବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ଭିଜିଲାନ୍ସ ଅଧିକାରୀଙ୍କ ସହ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଜିଆରଏସ ଅନନ୍ତ ସ୍ୱାଇଁଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଅଫିସକୁ ଧସେଇ ପଶିଲେ ମହିଳା

### ପୋଲିସ ସହ ଧସ୍ତାଧସ୍ତି

ଭଦ୍ରକ ଅଫିସ, ୭।୬

ସିଏଲଏଫର ସଭାନେତ୍ରୀ ସମ୍ପାଦିକାଙ୍କୁ ମାସିକ ଭତ୍ତା, ପୋଷାକ ବାବଦରେ ବାର୍ଷିକ ଦୁଇହଜାର ଟଙ୍କା, ପରିଚୟ ପତ୍ର ପ୍ରଦାନ ଆଦି ଦାବି ନେଇ ଭଦ୍ରକ ସହରାଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ମଙ୍ଗଳବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗେଟ ଡେଇଁ ଭିତରକୁ ଧସେଇ ପଶିଥିଲେ। ପୋଲିସ ସହ ବହୁ ସମୟ ଧରି ମହିଳା ମାନଙ୍କର ଧସ୍ତାଧସ୍ତି ପରେ ପୋଲିସ ବୁଝାଶୁଝା କରି ଗେଟ ବାହାରକୁ ମହିଳାମାନଙ୍କୁ ଆଣିଥିଲେ।

ସୂଚନା ଅନୁଯାୟୀ, ଭଦ୍ରକ ଜିଲାର ସାଳନ୍ଦୀ ସହର ସ୍ତରୀୟ ମହାସଂଘ ପକ୍ଷରୁ ବହୁ ସଂଖ୍ୟାର ମହିଳା୧୦ ଦଫା ଦାବି ନେଇ ବିଭିନ୍ନ ନାରାବାଜି ସହ ସହର ଶୋଭାଯାତ୍ରା କରି ଜିଲାପାଳଙ୍କ ଅଫିସ ଫାଟକ ଆଗରେ ପହଞ୍ଚିଥିଲେ। ଗ୍ରାମାଞ୍ଚଳରେ ପ୍ରତି ମହିଳା ଆଞ୍ଚଳିକ ମଞ୍ଚର ସଭାନେତ୍ରୀ ସମ୍ପାଦିକାଙ୍କୁ ସରକାର ମାସିକ ଭତ୍ତା ପ୍ରଦାନ କରୁଥିବା ବେଳେ ସହରାଞ୍ଚଳରେ ଦିଆଯାଉନାହିଁ। ଏନେଇ ଆଗରୁ ଜିଲାପାଳଙ୍କୁ ଏକାଧିକବାର ଲିଖିତ ଭାବେ ଜଣାଇଥିଲେ ବି କୌଣସି ସୁଫଳ ମିଳିନଥିବାରୁ ମହିଳା ମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଭେଟିବା ପାଇଁ କହିଥିଲେ। କିନ୍ତୁ ପୋଲିସ ଅନୁମତି ନ ଦେବାରୁ କାର୍ଯ୍ୟାଳୟକୁ ଧସେଇ ପଶିବା ଉଦ୍ୟମ କରିଥିଲେ। ସାଳନ୍ଦୀ ସିଏଲଏଫର ସମ୍ପାଦିକା ଜୟନ୍ତୀ ବିଶ୍ୱାଳ, ରୁକସାନା ବିବିଙ୍କ ନେତୃତ୍ୱରେ ବହୁ ସଂଖ୍ୟାର ମହିଳା ଏହି ପ୍ରତିବାଦରେ ସାମିଲ ହୋଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ବିକ୍ଷୋଭ କରୁଛନ୍ତି।

## ଦେଶୀ ମଦ ଜବତ, ୪ ଗିରଫ

ଧାମନଗର,୭।୬(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଧୁସୁରି ଥାନା ଅଧୀନ ସହିଦନଗର, ଲୁଣିଆ, ମଙ୍ଗଳପୁର, ସରପୁର, ଅସୁରାଳୀ ବଜାର, ଗୁଡୁପୋଖରୀ ଓ ସୟଦ ଜାଫର ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୧୦୦ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଏହି ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ଧୁଷୁରୀ ଥାନା ଅନ୍ତର୍ଗତ ସହିଦନଗର ଗ୍ରାମର ଗଜେନ୍ଦ୍ର ଜେନା, କୋରୁଆ ଗ୍ରାମର ସୁଶାନ୍ତ ମଳିକ, ହଂଶପୁର ଗ୍ରାମର ଦେବରାଜ ରାଉତ ଓ ସୟଦ ଜାଫର ଗ୍ରାମର ବଳରାମ ମଳିକ। ଜବତ ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ପ୍ରକାଶ କରିଛନ୍ତି। ଉକ୍ତ ଚଢ଼ାଉରେ ଏସ୍‌ଆଇ ରବି ବେହେରା, ଏଏସ୍‌ଆଇ ପୁରୁଷୋତ୍ତମ ମଲ୍ଲିକ, କନେଷ୍ଟବଳ ପ୍ରଦୀପ ମଲ୍ଲିକ, ଅଜିତ କୁମାର ସିଙ୍ଘ, ରମେଶ ନାୟକ, ଅନବାଦିତ୍ୟ ବାରିକ, ଶିବପ୍ରସାଦ ସାହୁ, ସନ୍ଧ୍ୟାରାଣୀ ସେନାପତି ପ୍ରମୁଖ ସାମିଲ ଥିଲେ। ଏନେଇ ଧାମନଗର ଅବକାରୀ ଥାନାରେ ୪ଟି ମାମଲା ରୁଜୁ ହୋଇଛି।

## କେନ୍ଦୁଝରକୁ ନୂଆ ଟ୍ରେନ୍ ଚଳାଚଳ ଦାବି

କେନ୍ଦୁଝର, ୭।୬(ସ୍ୱ.ପ୍ର.)

ଖଣି ଖାଦାନ ଭରା କେନ୍ଦୁଝର ଜିଲା ରେଲୱେ କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ଏହି ଜିଲାରୁ ରେଲୱେ ଖଣିଜ ପଥର ପରିବହନ କରି ବହୁ ଲାଭବାନ ହେଉଛି। ଅଥଚ ଜିଲାବାସୀଙ୍କ ସୁବିଧା ପାଇଁ ସେଭଳି ଟ୍ରେନ୍ ସୁବିଧା କରାଯାଉନାହିଁ। ଫଳରେ ଜିଲାବାସୀ ଯାତାୟାତରେ ବହୁ ସମସ୍ୟା ଭୋଗୁଛନ୍ତି। ଏନେଇ ମଙ୍ଗଳବାର କେନ୍ଦୁଝର ଯୁବ ପରିଷଦ ପକ୍ଷରୁ ଟ୍ରେନ ଚଳାଚଳ ନେଇ ଏକ ଦାବିପତ୍ର ଆବାହକ ବରଦା ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ପୂର୍ବତଟ ରେଲୱେ ଜିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ବିଭିନ୍ନ ଦାବି ମଧ୍ୟରେ ଖଡ଼ଗପୁରରୁ ଯାଜପୁର-କେନ୍ଦୁଝରରୋଡ ଟ୍ରେନ୍‌କୁ ସୁକିନ୍ଦା ଦେଇ କେନ୍ଦୁଝରଗଡକୁ ସମ୍ପ୍ରସାରଣ କରିବା, କେନ୍ଦୁଝରରୁ ହରିଦାସପୁର ଦେଇ ପାରାଦୀପକୁ ଟ୍ରେନ ଚଳାଚଳ ଆଦି ରହିଛି।


କେନ୍ଦୁଝର ଯୁବ ପରିଷଦ ପକ୍ଷରୁ ଦାବିପତ୍ର ଦିଆଯାଉଛି।

## ସ୍ନାନ ପୂର୍ଣ୍ଣିମା, ରଥଯାତ୍ରା ପାଇଁ ପ୍ରସ୍ତୁତି

ଯୋଡ଼ା, ୭।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ପୂର୍ବ ଯୋଡ଼ା ସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ପାଇଁ ଯୋଡ଼ା ଜଗନ୍ନାଥ ସେବା ସମିତିର ଅଧକ୍ଷ ଡାକ୍ତର ଅନିଲ କୁମାର ଦାସଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥଙ୍କ ସ୍ନାନ ଉତ୍ସବ ଓ ଘୋଷ ଯାତ୍ରା ପାଇଁ ବିଧି ନିର୍ଘଣ୍ଟ, ନୀତିକାନ୍ତି ସୂଚୀ, ରଥ ଟଣା ଉପରେ ଆଲୋଚନା ନିମନ୍ତେ ଏହି ବୈଠକ ହୋଇଥିଲା। ବିଗତ ଦୁଇ ବର୍ଷ ହେବ କରୋନା କଟକଣା ପାଇଁ ରଥ ଟଣା କାର୍ଯ୍ୟ ହୋଇ ପାରି ନ ଥିଲା। ତେଣୁ ଚଳିତବର୍ଷ ରଥଯାତ୍ରାରେ ଭକ୍ତ ଙ୍କ ସମାଗମ ଅଧିକ ହେବାର ଅନୁମାନ କରାଯାଇ କମିଟି ପକ୍ଷରୁ ପୋଲିସ ପ୍ରଶାସନର ସାହାଯ୍ୟ ଲୋଡ଼ାଯାଇଛି। ଯାହା କି ଘୋଷ ଯାତ୍ରା ବେଳେ ଶାନ୍ତି ଶୃଙ୍ଖଳା ବଜାୟ ରହିବ। ଏହା ବ୍ୟତୀତ ଏହି ବୈଠକରେ ଯୋଡ଼ା ନଗରପାଳ ଡାକ୍ତର ଜଗଦୀଶ ପ୍ରସାଦ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଚିତ୍ରା ନନ୍ଦ ନାୟକ, ଯୋଡ଼ା ଜଗନ୍ନାଥ ସେବା ସମିତିର ସଭାପତି ଡ. ଅନିଲ କୁମାର ଦାସ, ତାରିଣୀ ପ୍ରସାଦ ମହାନ୍ତି, ବିଦ୍ୟାଧର ସାହୁ , କୈଳାସ ନାୟକ , ଭୀମ ଶୁକ୍ଳା, ରଞ୍ଜନ ପାଲ, ସରୋଜ କୁମାର ସାହୁ, ସୂର୍ଯ୍ୟକାନ୍ତ ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ଓଝା, ଗୁଣ୍ଡିଚା ମନ୍ଦିର କମିଟିର କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ବାରିକ, ତ୍ରିନାଥ ସାହୁ, କାର୍ତ୍ତିକ ସାହା, ମନୋଜ ଆପଟ ପ୍ରମୁଖଙ୍କ ସହ ମନ୍ଦିରର ପୂଜକ ମାନେ ଉପସ୍ଥିତ ଥିଲେ।

## ଜବରଦଖଲ ଉଚ୍ଛେଦ

ଚମ୍ପୁଆ, ୭।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଭୂଇଁପୁରଠାରେ ମଙ୍ଗଳବାର ରାଜସ୍ୱ ବିଭାଗ ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଇଛି। ଚମ୍ପୁଆ ତହସିଲଦାର ସାଇ ସସ୍ମିତା ହୋତାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ, ସୁପରଭାଇଜର ଶୁଭକାନ୍ତ କର, ଜ୍ୟୋତିପୁର ଓ ଭୁଇଁପୁର ରାଜସ୍ୱ ନିରୀକ୍ଷକ ସମେତ ବାରିଆ ପୋଲିସ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଇଥିବା ଅତିରିକ୍ତ ତହସିଲଦାର ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଜଣେ ବ୍ୟକ୍ତି ଉକ୍ତ ଜବରଦଖଲ କରିଥିବା ବେଳେ ପୂର୍ବରୁ ଏ ନେଇ ତାଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ କରାଯାଇଥିଲା। ମାତ୍ର ଜବରଦଖଲକାରୀ ଏ ନେଇ କୌଣସି ପଦକ୍ଷେପ ନ ନେବାରୁ ରାଜସ୍ୱ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି।


ଜବରଦଖଲ ଉଚ୍ଛେଦ କରାଯାଇଛି।

## ୧୦୮ ସମବାୟ ନିର୍ବାଚନ ଲାଗି ନାମାଙ୍କନ ଶେଷ

ଭଦ୍ରକ ଅଫିସ, ୭।୬

ଭଦ୍ରକ ଜିଲାର ୧୦୮ ସମବାୟ ସମିତିର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟ ଶେଷ ଯାଇଛି। ଚଳିତ ମାସ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ୬୨ଟି ସମବାୟ ସମିତିର ନାମାଙ୍କନ ପତ୍ର ଦାଖଲ ଗତ ମେ ମାସ ୨୬ ତାରିଖରେ ଶେଷ ହୋଇଥିଲା। ଅପରପକ୍ଷେ ଆସନ୍ତା ଜୁନ୍ ୨୬ରେ ୨ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଅବଶିଷ୍ଟ ୪୬ ସମବାୟ ସମିତିର ନାମାଙ୍କନ ପତ୍ର ଗତ ୨ ତାରିଖରେ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ସମୟରେ ଅଶାନ୍ତ ପରିସ୍ଥିତି ହୋଇଥିଲା। ଏଥିଯୋଗୁ ଭଦ୍ରକ ସଦର ବ୍ଲକର ଏରେଇଁ ଓ ଅର୍ଣ୍ଣପାଳ ସମବାୟ ସମିତିରେ ନିର୍ବାଚନ ସ୍ଥଗିତ ରଖାଯାଇଥିଲା। ସେହିପରି ୨ୟ ପର୍ଯ୍ୟାୟ ପାଇଁ ୪୬ ସମିତି ମଧ୍ୟରୁ ଧାମନଗର ସମିତିରେ ରାଜନୈତିକ ଛକାପଞ୍ଝା କାରଣରୁ ନାମାଙ୍କନ ଦାଖଲ ବାଧାପ୍ରାପ୍ତ ହେବାରୁ ନାମାଙ୍କନ ପତ୍ର ଦାଖଲ ସ୍ଥଗିତ ରଖାଯାଇଥିଲା। ନାମାଙ୍କନ ବାତିଲ ହୋଇଥିବା ୩ ସମିତି ସମ୍ପର୍କରେ ଭଦ୍ରକ ଏଆର୍‌ସିଏସ୍ ସଦାନନ୍ଦ ବେହେରାଙ୍କ ପକ୍ଷରୁ ଓଡ଼ିଶା ସମବାୟ ସମିତି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଜୁନ ୨୬ରେ ୨ୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଦେଶ ମିଳିଥିଲା। ଏହି ୩ ସମବାୟ ସମିତିରେ ନିର୍ବାଚନ ପାଇଁ ସମ୍ଭବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣର ପୋଲିସ ଫୋର୍ସ ଯୋଗାଇ ଦେବାକୁ ଜିଲାପାଳ ଓ ଏସପିଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏରେଇଁ ସମବାୟ ସମିତିର ନିର୍ବାଚନ ପାଇଁ ପୁର୍ନବାର ମେ ୨୬ରେ ନାମାଙ୍କନ ଥିବା ବେଳେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାରୁ ନାମାଙ୍କନ ବାଧାପ୍ରାପ୍ତ ହୋଇଥିଲା। ପରେ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ମେ ୨୮ରେ ନାମାଙ୍କନ ଦାଖଲ ହୋଇଥିଲା।

### ବିନା ପ୍ରତିଦ୍ୱନ୍ଦ୍ୱିତାରେ ୨୧ ସମିତିର ନିର୍ବାଚନ

ଅପରପକ୍ଷେ ୧୦୫ ସମିତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପରେ ୨୧ଟି ସମିତିରେ ପ୍ରତିଦ୍ୱନ୍ଦ୍ୱିତା ହୋଇ ନ ଥିବା ଦେଖାଯାଇଛି। ଏହି ସମିତି ଗୁଡ଼ିକ ହେଲା ଭଦ୍ରକ ବ୍ଲକର ଆମ୍ଭୋରୋଳି, ରାହାଞ୍ଜ ଓ ଚଣ୍ଡିଗାଁ, ତିହିଡି ବ୍ଲକର ଭାଟପଡା, ଆରସା, ଚାରିତରଫ, ବିଲଣା, ଜାମଯୋଡି, ବନ୍ତ ବ୍ଲକର ରାମକୃଷ୍ଣପୁର, କାଦବରାଙ୍ଗ, ଗଣିଜାଙ୍ଗ, ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା, ଧାମନଗର ବ୍ଲକର ଦୋବଲ ଓ କରଦା, ଚାନ୍ଦବାଲି ବ୍ଲକର ମତୋ, ଶୈଳେନ୍ଦ୍ରପଲ୍ଲୀ, ଆର୍ଡୁଁ ଓ କୁମାରପୁର, ବାସୁଦେବପୁରର ଗଦି, ଶଙ୍ଖାରୋ ଓ ସୁରେଶ୍ୱରପୁର।

## ଛାତରୁ ପଡ଼ି ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

ସୋର, (ଡି.ଏନ.ଏ.): ସୋର ପୌରପରିଷଦ ଅଧୀନ ତୁଣ୍ଡପଡ଼ା ଗ୍ରାମରେ ଘର ନିର୍ମାଣ କାମ ଚାଲିଥିବା ବେଳେ ୨ ତାଲାରୁ ଖସି ପଡି ମଙ୍ଗଳବାର ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କିଆରପୁର ଗ୍ରାମର ନିର୍ମଳ ବେହେରା। ଗ୍ରାମର ଲକ୍ଷ୍ମୀଧର ବାରିକଙ୍କ ଘର ନିର୍ମାଣ ଚାଲିଥିବା ବେଳେ ନିର୍ମଳ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ। ସେ କାଛରେ ବସି ପଟା ସେଣ୍ଟ୍ରିଂ କରୁଥିବା ବେଳେ କାଛ ଭାଙ୍ଗିପଡ଼ିବାରୁ ସେ ତଳକୁ ଖସିପଡ଼ିଥିଲେ। ଏହି ସମୟରେ ଏକ ବେକରେ ଖୁଞ୍ଚ ଗଳିବା ଫଳରେ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ଆଜି କ'ଣ କେଉଁଠି

ବାଲେଶ୍ୱର

- ବାଲେଶ୍ୱର ପଲ୍ଲିଶ୍ରୀ ମେଳା-୨୦୨୨। ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର। ସମୟ: ରାତି ୮ଟା ୩୦ମିନିଟ୍।
- ୫-ଟି ଅଧୀନ ଜଳେଶ୍ୱର ହାଇସ୍କୁଲ ଉଦ୍‌ଘାଟନ। ସ୍ଥାନ:ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୫ଟା।

### ସଂକ୍ଷେପରେ

## ବିଭିନ୍ନ ସ୍ଥାନରେ କାମ କରୁଥିବା ୫ ଶିଶୁ ଉଦ୍ଧାର

ଜଳେଶ୍ୱର, ୭।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବିଭିନ୍ନ ଦୋକାନ, ଗ୍ୟାରେଜ, ଇଟାଭାଟି, ଗୃହନିର୍ମାଣ, ରାସ୍ତା ନିର୍ମାଣ, ବାଲି ଚାଲାଣରେ ବହୁ ଶିଶୁଙ୍କୁ ନିୟୋଜିତ କରାଯାଉଛି। ଶ୍ରମ ବିଭାଗର ଶ୍ରମ ନିରୀକ୍ଷକ ଦିଲୀପ ହାଁସଦା, ସହକାରୀ ଶ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସାହୁ, ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପର କ୍ଷେତ୍ର ପରିଦର୍ଶକ ତନ୍ମୟ ବିଶ୍ୱାଳ, ଜିଲା ମୁଖ୍ୟ ଶିଶୁ ଶ୍ରମିକ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ରାଉତ, ବାଲିଆପାଳ ଟିମ୍‌ର ସଦସ୍ୟ ଉତ୍ତମ ନାୟକ ଓ ସ୍ଥାନୀୟ ପୋଲିସ ଜଳେଶ୍ୱର ସହରର କେତେକ ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲେ। ବଡବଜାର ଛକର ୨ଟି ଜଳଖିଆ ଦୋକାନରୁ ୩ଜଣ ଓ ଫର୍ଣ୍ଣିଚର ଦୋକାନରୁ ୨ଜଣ ଶିଶୁଙ୍କୁ ଉଦ୍ଧାର କରି ବାଲେଶ୍ୱର ନିଆଯାଇଛି। ଦ୍ୱିପ୍ରହରରେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଆଶିଷ ଘୋଷ ଓ ଗୌରୀରାଣୀ ଉପାଧ୍ୟାୟଙ୍କ ଇଜିଲାସ୍‌ରେ ଛଡାଯାଇଥିବା ଜଣାଯାଇଛି।

## ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ୪୦ ହଜାର ଲୁଟ

କପ୍ତିପଦା,୭।୬(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଞ୍ଚଳରୁ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ୨ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗେଣ୍ଡାଗଡ଼ିଆ ଗ୍ରାମର ରଣଜିତ୍ ରାଉତ ପୂର୍ବାହ୍ଣ ସାଢେ ୧୧ଟା ସମୟରେ କପ୍ତିପଦା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୨ ଲକ୍ଷ ୪୦ ହଜାର ଟଙ୍କା ଉଠାଇ ମେଡିକାଲ ସମ୍ମୁଖରେ ଥିବା ପଟ୍ଟନାୟକ ମେଡିସିନ ଷ୍ଟୋର ସମ୍ମୁଖରେ ବାଇକ୍ ରଖି ଔଷଧ କିଣୁଥିଲେ। ଏହି ସମୟରେ ତାଙ୍କ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ଟଙ୍କା ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ। ଖବରପାଇ ଥାନା ଅଧିକାରିଣୀ ମିନତୀ ବିଶ୍ୱାଳ ଓ ଉପଖଣ୍ଡ ପୋଲିସ ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସମାବେଶ

ଜଳେଶ୍ୱର, ୭।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶିଖରପୁରଠାରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳି ୩ୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ସମାବେଶରେ ଯୁବନେତା ଦିବ୍ୟକାମ ମହାନ୍ତି ଯୋଗଦେଇ ମୋଦି ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା, ମହିଳାଙ୍କୁ ପ୍ରାଧାନ୍ୟ, ନାରୀ ସଶକ୍ତୀକରଣ ଅଧୀନ ୯ କୋଟି ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଯୋଡିବା ସମ୍ପର୍କରେ ସୂଚନା ଦେଇଥିଲେ। ରେବତୀ ଗିରି ଅଧକ୍ଷତା କରିଥିବା ବେଳେ ସୁମତି ଗିରି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଶଙ୍କର ପାଳ, ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ପଶ୍ଚିମବାର୍ଡ ମଣ୍ଡଳ ସଭାପତି ପ୍ରତାପ ସେନାପତି, ସ୍ୱପ୍ନେଶ୍ୱର ମଣ୍ଡଳ, ସଭାପତି ତପନ ବିଶ୍ୱାଳ, ରାଜପୁର ନାଏବ ସରପଞ୍ଚ ଅରବିନ୍ଦ ମଣ୍ଡଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ।

# ସହରରେ ବଢ଼ିଚାଲିଛି ଅପରାଧ

**ଶୋଇଛି ପୋଲିସ, କୋମାରେ ଗୋଇନ୍ଦା ବିଭାଗ**

ବାଲେଶ୍ୱର ଅଫିସ, ୭।୬

ବାଲେଶ୍ୱର ସହରରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ହତ୍ୟା, ଲୁଟ୍‌ତରାଜ ଭଳି ଅପରାଧ ଘଟିଚାଲିଥିଲେ ମଧ୍ୟ ପୋଲିସ ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହେଉଛି। ଜିଲାରେ କାମ କରୁଥିବା ଦୁଇଟି ମୁଖ୍ୟ ଗୋଇନ୍ଦା ସଂସ୍ଥା ମଧ୍ୟ କୋମାକୁ ଚାଲିଯାଇଥିବା ସାଧାରଣରେ ଆଲୋଚନା ହେଉଛି। ଏହାର ସୁଯୋଗ ନେଇ ଅପରାଧୀମାନେ ଅନାୟାସରେ ଅପରାଧିକ କାର୍ଯ୍ୟକଳାପ ଜାରି ରଖିଛନ୍ତି। ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ସିଭିଲ୍ ସୋସାଇଟି ଏବଂ ବରିଷ୍ଠ ନାଗରିକ ମଞ୍ଚ ତଥା କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବାଲେଶ୍ୱର ବନ୍ଦ କରିବା ପାଇଁ ଚେତାବନୀ ଦିଆଯାଇଛି। ମଙ୍ଗଳବାର ଛାତ୍ରନେତା ଶୁଭମସାଇ ମହାପାତ୍ରଙ୍କ ନେତୃତ୍ୱରେ ସହରବାସୀ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ୍‌ଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ସରସଦା ଅଞ୍ଚଳର ଚିରଞ୍ଜିବି ନାୟକ ଓ ତାଙ୍କ ସାଥୀମାନେ ମଙ୍ଗଳବାର ଭୋର ସମୟରେ ଟ୍ରକ୍ ଯୋଗେ କଷାଫଳକୁ ମାଛ ନେବା ପାଇଁ ଆସୁଥିବା ବେଳେ ରୂପ୍‌ସା ଥାନା ୬୦ନଂ. ଜାତୀୟ ରାଜପଥରେ ଏକ ବାଇକ୍ ଯୋଗେ ୩ଜଣ ଯୁବକ ଆସି ଟ୍ରକ୍‌କୁ ଅଟକାଇଥିଲେ। ଡ୍ରାଇଭର ଚିରଞ୍ଜିବିଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ କରିବାକୁ ପ୍ରୟାସ କରିଥିଲେ। ଅନ୍ୟ ଦୁଇଜଣ ଯୁବକ ଟ୍ରକ୍‌ରେ ଥିବା ହେଲପରଙ୍କୁ ଖଣ୍ଡା ଦେଖାଇ ପାଖରେ ଥିବା ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଡ୍ରାଇଭରଙ୍କୁ ଖଣ୍ଡାରେ ଆକ୍ରମଣ କରିବା ସହ ହେଲପରଙ୍କୁ ପିଟି ନିକଟରେ ଥିବା ଟଙ୍କା, ସୁନାଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଉଭୟ ଗୁରୁତର ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତ ମେ' ୩୦ ତାରିଖରେ କେରଳ ରାଜ୍ୟର ଜଣେ ଯୁବକ ଚିଙ୍ଗୁଡ଼ି ଚାଷ ପାଇଁ ଆବଶ୍ୟକ ଔଷଧ ବ୍ୟବସାୟ କରିବା ପାଇଁ ବାଲେଶ୍ୱର ଆସିଥିଲେ। ସେ ବ୍ୟବସାୟ ସାରି ଫେରୁଥିବା ବେଳେ ସଲ୍ଟରୋଡ୍‌ର ସାରଗାଁ ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ୬୦ହଜାର ଟଙ୍କା ଲୁଟି ନେଇଥିଲେ। ପରେ କ୍ଷତବିକ୍ଷତ କରି ରାସ୍ତାପାର୍ଶ୍ୱକୁ ଫିଙ୍ଗି ଦେଇଥିବା ବେଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଯୁବକଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ପରଦିନ ଯୁବକଙ୍କର ମୃତ୍ୟୁ ହୋଇଛି। ଚଳିତମାସ ୧ ତାରିଖରେ ପୌରାଞ୍ଚଳର ୩୧ନଂ. ୱାର୍ଡ଼ର କାଉନ୍‌ସିଲର ରଞ୍ଜିତା ମହାପାତ୍ର ମାର୍କେଟିଂ ସାରି ପରିବାର ସହ ଅଟୋରେ ଫେରୁଥିବା ବେଳେ ସହଦେବଖୁଣ୍ଟା ଥାନା ପଛପଟ ନୂଆବଜାର ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ସୁନାଚେନ୍ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ପରିବାର ଲୋକଙ୍କ ସହଯୋଗରେ ସେ ଦୁର୍ବୃତ୍ତଙ୍କ କବଳରୁ ରକ୍ଷା ପାଇଯାଇଥିଲେ। ଭାଜପା ନେତ୍ରୀ ମହୁଆ ପ୍ରଧାନ ମଧ୍ୟ ପାର୍ଟି ଅଫିସ୍‌ରୁ ବୈଠକ ସାରି ଫେରୁଥିବା ବେଳେ ମଲ୍ଲିକାଶପୁର ନିକଟରେ ତାଙ୍କ ପାଖରୁ ସୁନାଚେନ୍ ଲୁଟ୍ କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଗତ ୩ତାରିଖରେ ଟୁଲଙ୍ଗସାହି ଅଞ୍ଚଳର ବ୍ୟବସାୟୀ ଭାଗିରଥୀ ନାୟକ ଷ୍ଟେଟ୍‌ବ୍ୟାଙ୍କରୁ ୩ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ମଲ୍ଲିକାଶପୁର ହରଗଙ୍ଗା ପୋଖରୀ ନିକଟରେ ୩ରୁ ୪ଜଣ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇଥିଲେ। ସେହିପରି ରାତି ୧୦ଟା ବେଳେ ସୁନହଟ ଅଞ୍ଚଳରେ ସତ୍ୟବ୍ରତ ଦାସ ଘରକୁ ଫେରୁଥିବା ବେଳେ ଚାନ୍ଦିପୁର ରାସ୍ତାର ଗଛମାଳିଆ ଛକରେ କେତେଜଣ ଯୁବକ ତାଙ୍କୁ ନିର୍ମମ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଗତ ୪ ତାରିଖରେ ବାଲିଆପାଳ ଅଞ୍ଚଳର ୨ଜଣ ଯୁବକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଫେରୁଥିବା ବେଳେ ଅପରାହ୍ଣ ୩ଟା ବେଳେ ଅରଡ଼ବଜାରସ୍ଥିତ ଗଳାପୋଲ ନିକଟରେ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ପାଖରେ ଥିବା ମିଲ୍ ବାଡ଼ି ଭିତରକୁ ଜବରଦସ୍ତ ନେଇଯାଇଥିଲେ। ମାରଣାସ୍ତ୍ର ଦେଖାଇ ସେମାନଙ୍କ ନିକଟରେ ଥିବା ୯ହଜାର ୬ଶହ ଟଙ୍କା ସହିତ ସେମାନଙ୍କ ପାଖରେ ଥିବା ପ୍ରେସକ୍ରିପସନ୍ ଓ ଡାକ୍ତରୀ ରିପୋର୍ଟ ମଧ୍ୟ ଛଡ଼ାଇ ନେଇଥିଲେ। ସେହିପରି ଅପରାହ୍ଣ ୪ଟାରେ ଏଡ଼ିଏମ୍ ଛକ ନିକଟରୁ ଜଣେ ଯୁବକଙ୍କଠାରୁ ୨ଜଣ ଲୁଟେରା ବନ୍ଧୁକ ଦେଖାଇ ଦେଢ଼ଲକ୍ଷ ଟଙ୍କା ଲୁଟି ନେଇଥିଲେ। ରାତି ୧୦ଟା ବେଳେ ୩ରୁ ୪ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଜେଲ୍‌ର ଦୁଇଜଣ କର୍ମଚାରୀଙ୍କୁ ଜେଲ ଆଗ ରାସ୍ତାରେ ଗୋଡ଼ାଇଥିଲେ। ପ୍ରାଣ ବିକଳରେ କର୍ମଚାରୀଦ୍ୱୟ ଜେଲ ଭିତରକୁ ପଳାଇ ଯାଇଥିବାରୁ ରକ୍ଷା ପାଇଯାଇଥିଲେ। ଗତ ୫ ତାରିଖରେ ଭୀମପୁରାରେ ରହୁଥିବା ପୋଲିସ ହାବିଲଦାର ଅଞ୍ଜନ କୁମାର ମିଶ୍ରଙ୍କ ପତ୍ନୀ ଫୁଲ ତୋଳୁଥିବା ବେଳେ ୨ଜଣ ଯୁବକ ପଲସର ବାଇକ୍‌ରେ ଆସି ତାଙ୍କ ପଛପଟୁ ଧରି କଟର ଦ୍ୱାରା ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ସୁନାଚେନ୍‌କୁ ଛିନ୍‌ତାଇ କରି ଫେରାର ହୋଇଯାଇଥିଲେ।




ପୂର୍ବାଞ୍ଚଳ ଆଇଜିଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ସହରବାସୀ।

**ମନ୍ଦିର ଦାନହୁଣ୍ଡି ଚୋରିର ପର୍ଦ୍ଦାଫାଶ**

## ୩ ନାବାଳକଙ୍କୁ ବାଳସୁଧାର ଗୃହ ପଠାଗଲା

ବଡ଼ବିଲ, ୭।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରର ଦାନ ହୁଣ୍ଡି ଚୋରି ଅଭିଯୋଗରେ ପୋଲିସ ୩ନାବାଳକଙ୍କୁ ବାଳସୁଧାର ଗୃହରେ ଛାଡ଼ିଛି। ଗତ କିଛିଦିନ ତଳେ ବଡ଼ବିଲ ପିଏଚ୍‌ଡି ରୋଡସ୍ଥିତ ତାରିଣୀ ମନ୍ଦିର, ମୁଖ୍ୟବଜାରସ୍ଥିତ ରାଧାମାଧବ ମନ୍ଦିରର ଗ୍ରିଲ ତାଡ଼ି ଦାନହୁଣ୍ଡି ଚୋରି ହୋଇଥିଲା। ଏନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲାବେଳେ ଗୋଟିଏ ପରେ ଗୋଟିଏ ମନ୍ଦିରର ଦାନହୁଣ୍ଡି ଚୋରି ଘଟଣା ପୋଲିସର ଚିନ୍ତାର କାରଣ ହୋଇଥିଲା। ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଫୁଟେଜକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିଲା। ତେବେ ସୋମବାର ଏହି ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସ ସକ୍ଷମ ହୋଇଛି। ଚୋରିରେ ସମ୍ପୃକ୍ତ ୩ଜଣ ନାବାଳକଙ୍କୁ ପୋଲିସ ଧରିବା ସହ ଚୋରି ହୋଇଥିବା ମନ୍ଦିର ଦାନ ହୁଣ୍ଡି ଓ ମୋଟ ୩୨୦୦ଟଙ୍କା ସେମାନଙ୍କ ନିକଟରୁ ଜବତ କରିଛି। ଅଭିଯୁକ୍ତ ନାବାଳକଙ୍କୁ ପୋଲିସ କେନ୍ଦୁଝର ସ୍ୱତନ୍ତ୍ର କୋର୍ଟରେ ହାଜର କରାଇବା ପରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରାଉରକେଲାସ୍ଥିତ ବାଳ ସୁଧାର ଗୃହରେ ଛଡ଼ାଯାଇଥିବା ବଡ଼ବିଲ ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## ପାଳିତା କନ୍ୟାଙ୍କ ବିବାହ କରାଇଲା ଆଞ୍ଚଳିକ ଉନ୍ନୟନ ପରିଷଦ

ଖଇରା, ୭।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ କରୁଣ୍ଡା ପଞ୍ଚାୟତ କଳିହା ଗ୍ରାମର ମୀନାକ୍ଷୀ ଜେନାଙ୍କର ପିଲାବେଳରୁ ମା'ଙ୍କ ମୃତ୍ୟୁ ହେବା ପରେ ବାପା ଗୌରାଙ୍ଗ ମଧ୍ୟ ତାଙ୍କୁ ଛାଡି କେଉଁଆଡେ ପଳାଇଥିଲେ। ଶ୍ୟାମସୁନ୍ଦରପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମର ହେମଲତା ଦାସଙ୍କ ପରିବାର ପିଲାବେଳୁ ମୀନାକ୍ଷୀଙ୍କୁ ଘରକୁ ଆଣି ପାଳିପୋଷି ବଡ କରାଇଥିଲେ। ଏବେ ବିବାହ ବୟସ ହେବା ପରେ ଏକାକୀ ଅକ୍ଷମ ଥିବାରୁ ହେମଲତା ବିବାହ କରାଇବାକୁ ଅନ୍ୟର ସହଯୋଗ ଲୋଡ଼ିଥିଲେ। ସ୍ଥାନୀୟ ସରପଞ୍ଚ ବନିତା ଓ ସ୍ୱାମୀ ବିଶ୍ୱଭୂଷଣ ପ୍ରଧାନ ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦ ସଦସ୍ୟଙ୍କ ସହଯୋଗରେ ବିବାହ କରାଇବାକୁ ଆଗେଇ ଆସିଥିଲେ। ଶ୍ୟାମସୁନ୍ଦରପୁର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ରବିବାର ସନ୍ଧ୍ୟାରେ ବିବାହ ନିରାଡମ୍ବରରେ ହୋଇଥିଲା। ଯାଜପୁର ଜିଲାର ଦୁଃଶାସନ ଦାସଙ୍କ ମୀନାକ୍ଷୀଙ୍କ ହାତ ଧରିଛନ୍ତି। କଲ୍ୟାଣ ମଣ୍ଡପରେ ଏହା ପ୍ରଥମ ବିବାହ ହୋଇଥିବାରୁ ସରପଞ୍ଚ ଦମ୍ପତି ମଣ୍ଡପ ଖର୍ଚ୍ଚ ବହନ କରିଥିବା ଜଣାଯାଇଛି। ପରିଷଦ ସଦସ୍ୟ ପଦ୍ମଲୋଚନ ଜେନା, କୃଷ୍ଣଚନ୍ଦ୍ର ସାହୁ, ମଧୁସୂଦନ ଜେନା, ପ୍ରତାପ ଜେନା, ବିଭୂତି ପତି, ସନାତନ ଯେନା ପ୍ରମୁଖ ଉପସ୍ଥିତ ଥିଲେ।



ପରିଷଦର ସଦସ୍ୟଙ୍କ ଗହଣରେ କନ୍ୟା ମୀନାକ୍ଷୀ।

## ୪ ଜୋନ୍‌ରେ ହେବ ନିର୍ବାଚନ

ବୈଶିଙ୍ଗା,୭।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ଥିବା କୃଷି ସମବାୟ ସମିତି ବା ଲ୍ୟାମ୍ପସର ନିର୍ଦ୍ଦେଶକ ପଦବୀ ନିମନ୍ତେ ଚଳିତ ମାସ ୧୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ମୋଟ ୧୫ଟି ଜୋନ ନିମନ୍ତେ ନିର୍ବାଚନ ହେବାକୁ ଥିବା ବେଳେ ତନ୍ମଧ୍ୟରୁ ୧୧ଟି ଜୋନରେ ମାତ୍ର ଗୋଟିଏ ଲେଖାଏଁ ପ୍ରାର୍ଥିପତ୍ର ଦାଖଲ ହୋଇଥିବାରୁ ସେହି ଜୋନଗୁଡ଼ିକରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସମସ୍ତ ପ୍ରାର୍ଥୀ ନିର୍ବାଚନ ଜିତି ସାରିଛନ୍ତି। ଅବଶିଷ୍ଟ ୪ଟି ଜୋନରେ ନିର୍ବାଚନ ଅନୁଷ୍ଠିତ ହେବ। ପର୍ଯ୍ୟବେକ୍ଷକ ଭାବେ ଜିଲା ସମବାୟ ନିରୀକ୍ଷକ ଭୁବନେଶ୍ୱର ବେହେରା ଦାୟିତ୍ୱରେ ଅଛନ୍ତି। ଏହାର ଦୁଇ ସପ୍ତାହ ମଧ୍ୟରେ ପରିଚାଳନା ମଣ୍ଡଳୀ ସଭାପତି ପଦବୀ ନିମନ୍ତେ ନିର୍ଦ୍ଦେଶକମାନଙ୍କ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ବୈଶିଙ୍ଗା ଲ୍ୟାମ୍ପସ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ହରିହର ଦାସ ପ୍ରକାଶ କରିଛନ୍ତି। ସଭାପତି ପଦବୀଟି ଆଦିବାସୀ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି। ବିଗତ ପରିଚାଳନା ମଣ୍ଡଳୀରେ ସଭାପତି ପଦବୀ ଅଳଙ୍କୃତ କରିଥିବା ଶତୃଘ୍ନ ସିଂ ଚଳିତ ଥର ମଧ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ୨ନଂ. ଜୋନରୁ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇ ସାରିଥିବା ଦୃଷ୍ଟିରୁ ଏହି ପ୍ରମୁଖ ପଦବୀ ନିମନ୍ତେ ସେ ହିଁ ଦୃଢ଼ ଦାବିଦାର ଭାବେ ବିବେଚିତ ହୋଇଥିବା କୁହାଯାଉଛି।

## ପଞ୍ଚାୟତ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା



ଜିଲାପାଳଙ୍କୁ ଭାଜପା ପ୍ରତିନିଧିମାନେ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ ଅଫିସ,୭।୬

ଭଦ୍ରକ ବ୍ଲକ ଚଣ୍ଡିଗାଁ ଓ ସାହାଡ଼ାର ସରପଞ୍ଚ ଅଭିମନ୍ୟୁ ଜେନା ଓ ମାଧବ ମଲିକ ପଞ୍ଚାୟତ ସମସ୍ୟା ନେଇ ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଭେଟିଛନ୍ତି। ନିଜନିଜ ପଞ୍ଚାୟତର ପିଡିଏସ୍ ସମସ୍ୟା, ପାନୀୟ ଜଳ, ରାସ୍ତାଘାଟ ଆଦି କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ। ସରପଞ୍ଚଙ୍କ ସହିତ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ୱିତା ଖୁଣ୍ଟିଆ, ଜିଲା ଭାଜପା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ ମଧ୍ୟ ଜିଲାପାଳଙ୍କୁ ଭେଟି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଁଚାଇବାରେ ପ୍ରଶାସନ ଓ ଶାସକ ଦଳର ପ୍ରତିନିଧିମାନେ ଅନ୍ତରାୟ ହେଉଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଜନକଲ୍ୟାଣ ଯୋଜନା ଗୁଡ଼ିକର ସୁଫଳ କିପରି ଜନସାଧାରଣଙ୍କୁ ମିଳି ପାରିବ ଏବଂ ସରପଞ୍ଚମାନେ ସେମାନଙ୍କ କ୍ଷମତା ପରିସରଭୁକ୍ତ କାର୍ଯ୍ୟକୁ ସୁଚାରୁ ଭାବେ ତୁଲାଇ ପାରିବେ ସେ ଦିଗରେ ପ୍ରଶାସନିକ ସହଯୋଗ କାମନା କରିଥିଲେ। ଏହି ଅବସରରେ ଚଣ୍ଡିଗାଁ ପଞ୍ଚାୟତ ଭାଜପା ସଭାପତି ଶରତ ପରିଡ଼ା, ଅମୀୟ ପରିଡ଼ା, ବିଜୟ ମହାକୁଡ଼, ପ୍ରଶାନ୍ତ ନାୟକ, ଅମର ପରିଡ଼ା, ସାହାଡ଼ା ପଞ୍ଚାୟତ ଭାଜପା ସଭାପତି ପ୍ରମୋଦ ମହାନ୍ତି ପ୍ରମୁଖ ସମସ୍ୟାଗୁଡ଼ିକୁ ଲିଖିତ ଭାବେ ଜିଲାପାଳଙ୍କୁ ଅବଗତ କରାଇଥିଲେ।

# ଏଥର ଗଡ଼ିବ ବାରିପଦା ରଥ

- ଖର୍ଚ୍ଚ ଅଟକଳ ୪୮ଲକ୍ଷ
- ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

ବାରିପଦା ଅଫିସ,୭।୬

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ରଥଯାତ୍ରା କରୋନା କଟକଣା ଯୋଗୁ ଦୁଇ ବର୍ଷ ହେଲା ବନ୍ଦ ଥିବା ବେଳେ ଚଳିତ ବର୍ଷ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଦେବୋତ୍ତର ବିଭାଗର ଅଧିକାରୀଙ୍କ ସମେତ ଜିଲାପରିଷଦ ଅଧକ୍ଷା ଭାରତୀ ହାଁସଦାଃ, ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଆରକ୍ଷୀ ଅଧିକ୍ଷକ ରଷିକେଶ ଦ୍ୟାନଦେଓ ଖିଲାରୀ, ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ଓ ସୁଚାରୁ ବଳ ଏବଂ ସଦର ଉପଜିଲାପାଳ ଅନ୍ୟା ଦାସଙ୍କ ସହିତ ଜଗନ୍ନାଥ ମନ୍ଦିର, ସାନଜଗନ୍ନାଥ ମନ୍ଦିର ଓ ରାଧାମୋହନ ମନ୍ଦିରର ପରିଚ୍ଛା, ପୁରୋହିତ, ସମସ୍ତ ପୂଜକ, ଦେବୋତ୍ତର ବିଭାଗର ଅଧିକାରୀ, ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜୁଲାଇ ୧ତାରିଖରେ ଠାକୁରଙ୍କ ପହଣ୍ଡି ବିଜେ ପରେ ୨ ଓ ୩ ତାରିଖରେ ରଥଟଣା ହେବାର କାର୍ଯ୍ୟକ୍ରମ ରହିଛି। ୧୦ ଓ ୧୧ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଚଳିତ ବର୍ଷ ରଥଯାତ୍ରା ପାଇଁ ୪୮ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି।

ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାରୁ ଶାନ୍ତି ଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କୁହାଯାଇଛି। ଏଠାରେ ମହିଳାମାନେ ସୁଭଦ୍ରା ରଥ ଟାଣିବାର ପରମ୍ପରାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯିବା ନେଇ ଆଲୋଚନା ହୋଇଥିଲା। ଆଲୋଚନାରେ ଏମ୍‌ପିସି ସ୍ୱୟଂଶାସିତ, ଜୁନିୟର, ବାରିପଦା, ଶ୍ରୀମା' ଓ ଆଇନ ମହାବିଦ୍ୟାଳୟର ଅଧକ୍ଷଗଣ, ଜିଲା ଶିକ୍ଷାଧିକାରୀ, ଆକାଶବାଣୀ ବାରିପଦାର କେନ୍ଦ୍ର ନିର୍ଦ୍ଦେଶକ, ବାରିପଦା ବାର ଆସୋସିଏସନ, ଗଣମାଧ୍ୟମ ପ୍ରତିନିଧି, ବସ୍‌ମାଲିକ ସଂଘ, ସ୍ୱେଚ୍ଛାକୃତ ରକ୍ତଦାତା ସଂଘ ଓ ବଣିକ ସଂଘର ସଭାପତି ଏବଂ ସମ୍ପାଦକ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଗଛକୁ ଧକ୍କାଦେଇ ଟ୍ରାକ୍ଟର ଡ୍ରାଇଭରଙ୍କ ମୃତ୍ୟୁ

ଢେଙ୍କିକୋଟ, ୭।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ତଣ୍ଡିବେଡା ଗ୍ରାମରେ ମଙ୍ଗଳବାର ପୂର୍ବାହ୍ଣ ୮ଟାବେଳେ ଏକ ମେଣ୍ଟାଲ ବୋଝେଇ ଟ୍ରାକ୍ଟର ଏକ ଗଛକୁ ଧକ୍କା ଦେବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମନୋହରପୁର ତଣ୍ଡି ସାହିର ରାମ ସିଂ ମୁଣ୍ଡା। ଟ୍ରାକ୍ଟର ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଘଟଗାଁ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ଦାମୋଦର ଟୁଡୁ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ-୧୧୨/୨୨) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ୮୪ ଅଭିଯୋଗର ଶୁଣାଣି

ଭଦ୍ରକ ଅଫିସ, ୭।୬

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତ୍ରିଲୋଚନ ମାଝି ଓ ଏସ୍‌ପି ଚରଣ ସିଂ ମୀନାଙ୍କ ସହ ଉପଜିଲାପାଳ ମନୋଜ ପାତ୍ର ଏହି ଶିବିରରେ ଯୋଗ ଦେଇ ସମୁଦାୟ ୮୪ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ଚିକିତ୍ସା ପାଇଁ ରେଡ୍‌କ୍ରସରୁ ଜଣଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପାଇଁ ଜିଲାପାଳଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା। ସେହିପରି ସାମାଜିକ ସୁରକ୍ଷା ଯୋଜନାରେ ଶୃତି ବାଧିତ ଜଣେ ଦିବ୍ୟାଙ୍ଗଙ୍କୁ ବିନା ଶୁଳ୍କରେ ଜିଲାପାଳ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ବିଶେଷକରି ଜିଲା ସାମାଜିକ ସୁରକ୍ଷା, ଜିଲା ଶ୍ରମ, ଜିଲାଯୋଗାଣ ବିଭାଗ ସମ୍ବନ୍ଧୀୟ ନେଇ ସର୍ବାଧିକ ଅଭିଯୋଗ ଆସିଥିଲା। ଏହା ବ୍ୟତୀତ ଶିକ୍ଷା,ସାଳନ୍ଦୀ ଜଳସେଚନ ଜମିଜମା ଅଭିଯୋଗ ଆଗତ ହୋଇଥିଲା। ଫୁସ୍‌ଫୁସ୍ ଜନିତ ଏଡ଼ତାଳ ଅଞ୍ଚଳର ଜନୈକା ଗୁରତର ମହିଳାଙ୍କ ପାଇଁ ୨୪ ଘଣ୍ଟା ଦରକାର ହେଉଥିବା ଅକ୍ସିଜେନ୍ ବ୍ୟବସ୍ଥା କରାଇବା, ଆଣ୍ଠୁଗଣ୍ଠିବାତରେ ଗୁରୁତର ଜନୈକା ବାଳିକାଙ୍କ ପାଇଁ କୌଣସି ଥେରାପି ଚିକିତ୍ସା କରାଇବା ଆଦି ଚିକିତ୍ସା ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ଶୁଣାଣି କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହକାରୀ ଜିଲାପାଳ ବସନ୍ତ କୁମାର ଲେଙ୍କା, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ମଣ୍ଡଳ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣାଣି କରୁଛନ୍ତି।

# ଆଳୁ, ନଡ଼ିଆ ଚାଷୀଙ୍କୁ ମିଳୁନି ସବ୍‌ସିଡି ରାଶି

- ଉଦ୍ୟାନ ବିଭାଗର ଚାଷୀମାରଣ ନୀତି
- ଫାଇଲ ଧରି ବସିଛନ୍ତି ଅଧିକାରୀ

ରୂପସା, ୭।୬(ଡି.ଏନ.ଏ.)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଛନ୍ତି। ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସବ୍‌ସିଡ଼ି ବ୍ୟବସ୍ଥା ଥିବାରୁ ଚାଷ କାର୍ଯ୍ୟରେ ଉତ୍ସାହ ଭରିରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ଓ ଖାମଖିଆଲି ମନୋଭାବ ଯୋଗୁ ସରକାରଙ୍କ ଯୋଜନାର ସଫଳ ରୂପାୟନ ହେଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ବସ୍ତା ବ୍ଲକ ଉଦ୍ୟାନକୃଷି ବିଭାଗ କାର୍ଯ୍ୟାଳୟରେ।

୨୦୨୧ରେ ବ୍ଲକର ବିଭିନ୍ନ ପଞ୍ଚାୟତର ୭୭ହେକ୍ଟର ଜମିରେ ୨୪୫ଜଣ ହିତାଧିକାରୀ ଆଳୁ ଚାଷ କରିଥିଲେ। ଏଥିପାଇଁ ବିଭାଗଠାରୁ ଚାଷୀମାନେ ସରକାରୀ ଦରରେ କୁଇଣ୍ଟାଲ ପ୍ରତି ୧ହଜାର ଟଙ୍କାରେ ୧୧୫୦ କୁଇଣ୍ଟାଲ ଆଳୁ ବିହନ କ୍ରୟ କରି ଚାଷ କରିଥିଲେ। ଯୋଜନା ଅନୁଯାୟୀ ଏକ କୁଇଣ୍ଟାଲ ବିହନ ପ୍ରତି ୮ଶହ ଟଙ୍କା ସବ୍‌ସିଡ଼ି ଅର୍ଥ ସରକାର ହିତାଧିକାରୀଙ୍କ ଜମାଖାତାକୁ ପଠାଇବା କଥା। ୭ ମାସ ବିତିଯାଇଥିଲେ ହେଁ ୧୧୫୦ କୁଇଣ୍ଟାଲ ବିହନରେ ୨୪୫ ହିତାଧିକାରୀଙ୍କୁ ୯ଲକ୍ଷ ୨୦ହଜାର ଟଙ୍କା ସବ୍‌ସିଡ଼ି ଏଯାବତ୍ ମିଳୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ନିରଞ୍ଜନ ବେହେରା ଚାଷୀଙ୍କ ଫାଇଲରେ ଦସ୍ତଖତ କରୁ ନ ଥିବା ଚାଷୀ ଚୈତନ୍ୟ ଗିରି, ଦେବେନ୍ଦ୍ର ସେଠୀ, ସଞ୍ଜୟ ରଣା, ଛଚିନ୍ଦ୍ର ନାଥ ସେଠୀ, ବରେନ୍ଦ୍ର ଦଳେଇ, ବସନ୍ତ ସେଠୀ, ଦୁର୍ଗା ପ୍ରସାଦ ଦଳେଇ, ପରମାନନ୍ଦ ଦଳେଇ ପ୍ରମୁଖ ଜିଲାପାଳ ଓ ବିଭାଗୀୟ ଡେପୁଟି ଡାଇରେକ୍ଟରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଏଯାବତ୍ ଚାଷୀ ସେମାନଙ୍କ ହକ୍‌ରୁ ବଞ୍ଚିତ ଥିବାରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ବ୍ଲକ ଅନ୍ତର୍ଗତ ୮ଜଣ ନଡ଼ିଆ ଚାଷୀ ଓ ୨୭ଜଣ ପରିବା ଚାଷୀଙ୍କ ଫାଇଲ୍‌କୁ ଅଧିକାରୀ ବେହେରା ସୁପାରିଶ କରୁ ନ ଥିବାରୁ ସେମାନେ ମଧ୍ୟ ଲକ୍ଷାଧିକ ଟଙ୍କା ସବ୍‌ସିଡ଼ି ପାଇ ପାରୁନାହାନ୍ତି। ଆଳୁ ଲଗାଇବାର ୪୫ ଦିନ ମଧ୍ୟରେ ସବ୍‌ସିଡ଼ି ଅର୍ଥ ବ୍ୟାଙ୍କ ଖାତାକୁ ଯିବା କଥା। କିନ୍ତୁ ଅମଳର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ସବ୍‌ସିଡ଼ି ଅର୍ଥ ପାଇବାରୁ ଚାଷୀ ବଞ୍ଚିତ ହୋଇଛନ୍ତି। ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ମିଳୁ ନ ଥିବାରୁ ସରକାରଙ୍କ ଘୋଷଣା ପାଣିର ଗାର ପାଲଟିଛି।

ଏ ସମ୍ପର୍କରେ ବସ୍ତା ବ୍ଲକ ସହକାରୀ ଉଦ୍ୟାନକୃଷି ଅଧିକାରୀ ନିରଞ୍ଜନ ବେହେରା କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। କାଗଜପତ୍ରରେ ତ୍ରୁଟି ଥିବାରୁ ଠିକ୍ ଭାବେ ଯାଞ୍ଚ କରିବ ପରେ ତୁରନ୍ତ ସବ୍‌ସିଡ଼ି ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ।



